## ଥିରୁଭଲ୍ଲୁଭର ପରିବହନ ନିଗମର ଅଧକ୍ଷ

## ବନାମ

## ଖାଉଟି ସୁରକ୍ଷା ପରିଷଦ

## ଫେବୃଆରୀ 9, 1995

## [ଭାରତର ପ୍ରଧାନ ନ୍ୟାୟାଧୀଶ ଏ. ଏମ୍. ଅହମ୍ମଦୀ ଏବଂ ନ୍ୟାୟମୂର୍ତ୍ତି ଏସ୍. ମୋହନ]

*ଖାଉଟି ସୁରକ୍ଷା ଅଧିନିୟମ, 1986 - ଧାରା 2 (1) (c) (d) (e) (f) (g) (o), 125, 21 (a) (b) - ମୋଟର ଯାନ ଅଧିନିୟମ, 1988 - ଧାରା 165, 166, 168 ଏବଂ 175 - କ୍ଷତିପୂରଣ କ୍ଷେତ୍ରରେ କ୍ଷେତ୍ରାଧିକାରତା - ମୋଟର ଯାନ ଦୁର୍ଘଟଣା - ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗ କିମ୍ବା ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ।*

*ବିଧାନଗୁଡ଼ିକର ବ୍ୟାଖ୍ୟା - ସାଧାରଣ ଆଇନ ଏବଂ ବିଶେଷ ଆଇନ - ସାଧାରଣ ଆଇନ ସ୍ଥାନରେ ବିଶେଷ ଆଇନର ପ୍ରାଧାନ୍ୟ ରହିବ ।*

**1990 ମସିହାରେ ଅପିଲକାରୀଙ୍କ ଓମନି ବସ୍ ରେ K ନାମକ ଜଣେ ବ୍ୟକ୍ତି ଯାତ୍ରା କରୁଥିବାବେଳେ ଏକ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ଫଳରେ ସେ ମୃତ୍ୟୁବରଣ କରିଥିଲେ । ତାମିଲନାଡୁର ଖାଉଟି ସୁରକ୍ଷା ପରିଷଦ, ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗଙ୍କ ସମ୍ମୁଖରେ ମୃତକଙ୍କ ଆଇନଗତ ପ୍ରତିନିଧିଙ୍କ ତରଫରୁ ଏକ ଦାବି ଦାଖଲ କରିଥିଲେ, ଯାହାକୁ ଅପିଲକାରୀ କ୍ଷେତ୍ରାଧିକାରତା ନଥିବା ଆଧାରରେ ବିରୋଧ କରିଥିଲେ । ରାଷ୍ଟ୍ରୀୟ ଆୟୋଗ, କ୍ଷେତ୍ରାଧିକାରତା ପ୍ରଶ୍ନ ଉପରେ ନିଷ୍ପତ୍ତି ନ ନେଇ, କ୍ଷତିପୂରଣ ବାବଦକୁ 18 ପ୍ରତିଶତ ସୁଧ ସହିତ 5 ଲକ୍ଷ 10 ହଜାର ଟଙ୍କା ଏବଂ ଖର୍ଚ୍ଚ ବାବଦକୁ 10, 000 ଟଙ୍କା ଅଧିନିର୍ଣ୍ଣିତ କରିଥିଲେ ।**

ଅପିଲକାରୀ ଏହି ଦାବିକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ କାର୍ଯ୍ୟାନୁଷ୍ଠାନକୁ ବଜାୟ ରଖିବା ପାଇଁ ପରିଷଦର କୌଣସି *ବୈଧସ୍ଥିତି* ନଥିଲା ଏବଂ ରାଷ୍ଟ୍ରୀୟ ଆୟୋଗଙ୍କ ଏହି ଆବେଦନକୁ ଗ୍ରହଣ କରିବାର କୌଣସି କ୍ଷେତ୍ରାଧିକାରତା ନଥିଲା କାରଣ ଏହିପରି ଆବେଦନଗୁଡ଼ିକୁ ଗ୍ରହଣ କରିବାର ବିଶେଷ କ୍ଷେତ୍ରାଧିକାରତା ମୋଟର ଯାନ ଅଧିନିୟମ ଦ୍ୱାରା, ଏହା ଅଧୀନରେ ଗଠିତ,

ଦାବି ନ୍ୟାୟାଧିକରଣ ଉପରେ ନ୍ୟସ୍ତ କରାଯାଇଥିଲା ଏବଂ କ୍ଷତିପୂରଣ ପ୍ରଦାନ କରିବା କ୍ଷେତ୍ରାଧିକାରତା ବିନା ଥିଲା ।

ଏହି ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.** ମୋଟର ଯାନ ଅଧିନିୟମ, **1988** ର ଧାରା **165** ଅଧୀନରେ ଘଟିଥିବା ଏକ ମରଣାନ୍ତକ ଦୁର୍ଘଟଣାରୁ ଉତ୍ପନ୍ନ କ୍ଷତିପୂରଣ ସମ୍ବନ୍ଧୀୟ ଯେକୌଣସି ଦାବିକୁ ଗ୍ରହଣ କରିବାର କ୍ଷେତ୍ରାଧିକାର, ଉକ୍ତ ଅଞ୍ଚଳ ପାଇଁ ଗଠିତ ଦାବି ନ୍ୟାୟାଧିକରଣଙ୍କ ଥିଲା । ଏକ ମୋଟର ଯାନ ବ୍ୟବହାର ଜନିତ କ୍ଷତିପୂରଣ ଦାବି ସମ୍ବନ୍ଧରେ ଏହି ଅଧିନିୟମକୁ ଏକ ବିଶେଷ ଆଇନ ବୋଲି କୁହାଯାଇପାରେ । ଖାଉଟି ସୁରକ୍ଷା ଅଧିନିୟମ, **1986** ସାଧାରଣ ଭାବେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମ୍ବନ୍ଧୀୟ ଏକ ଆଇନ ହୋଇଥିବାରୁ, ଏହା ଏକ ସାଧାରଣ ଆଇନ ଥିଲା ଏବଂ ସାଧାରଣତଃ, ଏହି ସାଧାରଣ ଆଇନ ସ୍ଥାନରେ ବିଶେଷ ଆଇନର ପ୍ରାଧାନ୍ୟ ରହିବା ଉଚିତ ।

**2.1.** ସମ୍ପୃକ୍ତ ଅଭିଯୋଗଟି ମୃତକଙ୍କୁ ପ୍ରଦାନ କରାଯାଇଥିବା କିମ୍ବା ପ୍ରଦାନ କରାଯିବାକୁ ରାଜି ହୋଇଥିବା କୌଣସି ସେବା ସମ୍ବନ୍ଧୀୟ ଥିଲା ବୋଲି କୁହାଯାଇପାରିବ ନାହିଁ । **1986** ଅଧିନିୟମ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା "ସେବା" ଅଭିବ୍ୟକ୍ତିର ଅର୍ଥ ହେଉଛି ଯେକୌଣସି ପ୍ରକାରର ସେବା, ଯାହା ସମ୍ଭାବ୍ୟ ବ୍ୟବହାରକାରୀମାନଙ୍କ ନିମନ୍ତେ ଉପଲବ୍ଧ କରାଯାଇଥିଲା ଏବଂ *ଅନ୍ୟାନ୍ୟ ବିଷୟ ମଧ୍ୟରେ,* ପରିବହନ ସମ୍ବନ୍ଧୀୟ ସୁବିଧାର ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ ଥିଲା । ଘଟିଥିବା ଦୁର୍ଘଟଣାର, ମୃତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ସେବା ସହିତ କୌଣସି ସମ୍ପର୍କ ନଥିଲା ।

**2.2.** ଏହି ମାରାତ୍ମକ ଆଘାତ, ଦୁର୍ଘଟଣାଟିର ପ୍ରତ୍ୟକ୍ଷ ପରିଣାମ ଥିଲା, ଯେଉଁଥିରେ ମୃତ ବ୍ୟକ୍ତି ତାଙ୍କ ବସିବା ଜାଗାରୁ ସାମ୍ନାକୁ ନିକ୍ଷେପିତ ହୋଇଥିଲେ ଏବଂ ତାଙ୍କ ସମ୍ମୁଖରେ ଥିବା ବସିବା ଜାଗାର ଏକ ଲୁହା ହ୍ୟାଣ୍ଡେଲରେ ଧକ୍କା ହୋଇ ଯାଇଥିଲେ ।

**3.1.** ଏହି ମାମଲା **1988** ଅଧିନିୟମର ଧାରା **165** ର ପରିସର ମଧ୍ୟରେ ଆସୁଥିଲା ଏବଂ ସମ୍ପୃକ୍ତ ଅଞ୍ଚଳ ପାଇଁ ଏହା ଅଧୀନରେ ଗଠିତ ମୋଟର ଯାନ ଦାବି ନ୍ୟାୟାଧିକରଣଙ୍କ ଏହାକୁ ଗ୍ରହଣ କରିବାର କ୍ଷେତ୍ରାଧିକାର ଥିଲା ।

ଥିରୁଭଲ୍ଲୁଭର ପରିବହନ ନିଗମ ବନାମ ଖାଉଟି ସୁରକ୍ଷା ପରିଷଦ (ପ୍ରଧାନ ନ୍ୟାୟାଧୀଶ ଅହମ୍ମଦୀ)

**3.2. ସମ୍ପୃକ୍ତ ପ୍ରଶ୍ନରେ ଥିବା ବିବାଦ, ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାରକୁ କୌଣସି ପ୍ରକାରେ ଆକର୍ଷିତ କରିନଥିଲା । ଏହା କ୍ଷେତ୍ରାଧିକାରର ଅବାଞ୍ଛିତ ପ୍ରୟୋଗର ଏକ ମାମଲା ଥିଲା ।**

*ଭାରତ ସଂଘ ଏବଂ ଅନ୍ୟଜଣେ ବନାମ ଅଡାଇ କଲାମ II,* **(1993) CPJ 145 (N.C.), ମାମଲାଟି ଅନୁମୋଦିତ ।**

**4. ପୂର୍ବରୁ ମିଳିଥିବା କ୍ଷତିପୂରଣ ରାଶିକୁ ଫେରସ୍ତ କରିବାକୁ ତାଙ୍କର ବିଧବା ପତ୍ନୀ ଏବଂ ଶିଶୁକୁ ଡକାଇବା ଅର୍ଥରେ ଅଧିନିର୍ଣ୍ଣୟକୁ ଓଲଟାଇବାର କୌଣସି ପ୍ରଶ୍ନ ନଥିଲା । ବିଧିଗତ ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ଉପରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା, କାରଣ 1986 ଅଧିନିୟମ ଅନୁଯାୟୀ ଏହିପରି ତମାଦି ମାମଲାଗୁଡ଼ିକୁ ରାଷ୍ଟ୍ରୀୟ ଆୟୋଗକୁ ନିଆଯାଇପାରେ, ଯଦିଓ ସେହି ଆୟୋଗର କୌଣସି କ୍ଷେତ୍ରାଧିକାର ନଥିଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରତା: ଦେୱାନୀ ଅପିଲ ସଂଖ୍ୟା 7142/1993 ।

ଓ. ପି. ସଂଖ୍ୟା 24/1991 ରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗଙ୍କ 27.9.93 ର ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଏସ୍. ସୁବ୍ରମଣ୍ୟମ୍, ଟି. ହରିଶ କୁମାର ଏବଂ ଭି. କ୍ରିଷ୍ଣମୂର୍ତ୍ତି ।

ଉତ୍ତରଦାତାଙ୍କ ତରଫରୁ ଆର୍. ପି. ଭଟ୍ଟ, (ଏ. ସି.) ।

ନ୍ୟାୟାଳୟଙ୍କ ରାୟ ପ୍ରଧାନ ନ୍ୟାୟାଧୀଶ ଅହମ୍ମଦୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ବର୍ତ୍ତମାନର ଅପିଲରେ ବିଚାର ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉଠିଛି ତାହା ହେଉଛି ଖାଉଟି ସୁରକ୍ଷା ଅଧିନିୟମ, 1986 (ସଂକ୍ଷେପରେ '1986 ଅଧିନିୟମ') ର ଧାରା 20 ଅଧୀନରେ ଗଠିତ ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଆୟୋଗର (ଏହା ପରେ 'ରାଷ୍ଟ୍ରୀୟ ଆୟୋଗ' କୁହାଯାଇଛି), ମୋଟର ଯାନ ଅଧିନିୟମ, 1988 (ସଂକ୍ଷେପରେ '1988 ଅଧିନିୟମ') ଅଧୀନରେ ଗଠିତ ଦାବି ନ୍ୟାୟାଧିକରଣକୁ ପ୍ରଦାନ କରାଯାଇଥିବା କ୍ଷେତ୍ରାଧିକାର ସତ୍ତ୍ୱେ, ଏକ ମୋଟର ଯାନ ଦୁର୍ଘଟଣାରୁ ଉତ୍ପନ୍ନ ଏକ କ୍ଷତିପୂରଣ ଦାବି ଉପରେ ବିଚାର କରିବାର କ୍ଷେତ୍ରାଧିକାର ଥିଲା କି ନାହିଁ । ଯେଉଁ ତଥ୍ୟଗତ ଛାଞ୍ଚରେ ଏହି ପ୍ରଶ୍ନ ବିଚାର ପାଇଁ ଉଠିଛି, ତାହା ନିମ୍ନରେ ସଂକ୍ଷେପରେ କୁହାଯାଇଛି:

ଶ୍ରୀ କେ. କୁମାର 1990 ମସିହା ଜୁନ୍ 2 ରୁ 3 ତାରିଖ ମଧ୍ୟରେ ରାତିରେ କୋମ୍ବାକୋନାମରୁ ଥଞ୍ଜାଭୁର ଅଭିମୁଖେ ଏକ ଓମନି ବସ୍ ଯୋଗେ ଯାତ୍ରା କରୁଥିଲେ, ଯାହା ଏକ ବଳଦ-ଗାଡ଼ିକୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ଭୟାଲୁର ଗ୍ରାମ ନିକଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏହା ଜଣାପଡୁଛି ଯେ ଯେତେବେଳେ ବସ୍ ଚାଳକ ବଳଦ-ଗାଡ଼ିକୁ ଅତିକ୍ରମ କରିବାକୁ ପ୍ରୟାସ କରିଥିଲେ, ବଳଦମାନେ ଭୟଭୀତ ହୋଇଯାଇଥିଲେ, ଯାହା ପରେ ଚାଳକ ହଠାତ୍ ବସ୍ କୁ ବାମକୁ ବଙ୍କେଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛର ଡାଳକୁ ଧକ୍କା ଦେଇଥିଲେ ଯାହାଫଳରେ ଗାଡି କ୍ଷତିଗ୍ରସ୍ତ ହୋଇଥିଲା; ଝରକା କାଚ ଭାଙ୍ଗି ଯାଇଥିଲା । ଯେହେତୁ ଗାଡ଼ିଟି ହଠାତ୍ ବଙ୍କେଇ ଯାଇଥିଲା ଏବଂ ଚାଳକ ବ୍ରେକ୍ ଲଗାଇ ଦେଇଥିଲେ, ତେଣୁ ପଛ ବସିବା ଜାଗାର ମଧ୍ୟଭାଗରେ ବସିଥିବା ଶ୍ରୀ କେ. କୁମାର ସାମ୍ନାକୁ ନିକ୍ଷେପିତ ହୋଇଥିଲେ ଏବଂ ଲୁହା ପାର୍ଶ୍ୱ-ବାରରେ ଧକ୍କା ହୋଇଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡରେ ଏକ ଗୁରୁତର ଆଘାତ ଲାଗିଥିଲା । ପରବର୍ତ୍ତୀ ସମୟରେ ସେ ସେହି ଆଘାତ କାରଣରୁ ପ୍ରାଣ ହରାଇଥିଲେ । ମୃତକଙ୍କ ଆଇନଗତ ପ୍ରତିନିଧିଙ୍କ ତରଫରୁ ତାମିଲନାଡୁର ଖାଉଟି ସୁରକ୍ଷା ପରିଷଦ କ୍ଷତିପୂରଣ ଦାବି କରି 1986 ଅଧିନିୟମ ଅନୁଯାୟୀ ରାଷ୍ଟ୍ରୀୟ ଆୟୋଗଙ୍କ ନିକଟରେ ଏକ ଅଭିଯୋଗ ଦାୟର କରିଥିଲା । ଏଠାରେ ଥିବା ଅପିଲକାରୀ ଏହି ଦାବିକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ କାର୍ଯ୍ୟାନୁଷ୍ଠାନକୁ ବଜାୟ ରଖିବା ପାଇଁ ଦାବିଦାର, ଅର୍ଥାତ୍ ପରିଷଦର କୌଣସି *ବୈଧସ୍ଥିତି* ନଥିଲା ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ, ରାଷ୍ଟ୍ରୀୟ ଆୟୋଗଙ୍କ ଏକ ଆବେଦନକୁ ଗ୍ରହଣ କରିବାର କୌଣସି କ୍ଷେତ୍ରାଧିକାର ନଥିଲା କାରଣ ଏହିପରି ଆବେଦନଗୁଡ଼ିକୁ ଗ୍ରହଣ କରିବାର ବିଶେଷ କ୍ଷେତ୍ରାଧିକାର 1988 ଅଧିନିୟମ ଦ୍ୱାରା, ଏହା ଅଧୀନରେ ଗଠିତ, ଦାବି ନ୍ୟାୟାଧିକରଣ ଉପରେ ନ୍ୟସ୍ତ କରାଯାଇଥିଲା । ରାଷ୍ଟ୍ରୀୟ ଆୟୋଗ ଯୁକ୍ତି କରିଛନ୍ତି ଯେ ଅପିଲକାରୀ କ୍ଷେତ୍ରାଧିକାର ସମ୍ବନ୍ଧୀୟ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ ଏବଂ ଏହାର ଉତ୍ତର ନଦେଇ କ୍ଷତିପୂରଣ ବାବଦକୁ 1 ମେ, 1992 ଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ବାର୍ଷିକ 18 ପ୍ରତିଶତ ସୁଧ ସହିତ 5 ଲକ୍ଷ 10 ହଜାର ଟଙ୍କା ଅଧିନିର୍ଣ୍ଣିତ କରିଥିଲେ । ଏହା ବ୍ୟତୀତ, ଖର୍ଚ୍ଚ ବାବଦକୁ 10, 000 ଟଙ୍କା ଅଧିନିର୍ଣ୍ଣିତ କରାଯାଇଥିଲା । ରାୟ ତାରିଖ ଠାରୁ ତିନି ମାସ ମଧ୍ୟରେ ଖର୍ଚ୍ଚ ସହିତ ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଷ୍ଟ୍ରୀୟ ଆୟୋଗଙ୍କ ଉକ୍ତ ନିର୍ଣ୍ଣୟ ବିରୁଦ୍ଧରେ ବର୍ତ୍ତମାନର ଅପିଲ କରାଯାଇଛି ।

ରାଷ୍ଟ୍ରୀୟ ଆୟୋଗର କ୍ଷେତ୍ରାଧିକାର ସହିତ ଜଡ଼ିତ ମୁଖ୍ୟ ଯୁକ୍ତିକୁ ତର୍ଜମା କରିବା ପାଇଁ 1986 ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ଦେଖିବା ଆବଶ୍ୟକ । ଖାଉଟିଙ୍କ ସ୍ୱାର୍ଥର ଉନ୍ନତ

ସୁରକ୍ଷା ନିମନ୍ତେ ଏବଂ ସେହି ଉଦ୍ଦେଶ୍ୟରେ ଖାଉଟି ବିବାଦ ଇତ୍ୟାଦିର ସମାଧାନ ନିମନ୍ତେ ଖାଉଟି ପରିଷଦ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କ ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଏହି ଅଧିନିୟମ ପ୍ରଣୟନ କରାଯାଇଥିଲା । ଧାରା 2 ରେ ଉକ୍ତ ଅଧିନିୟମର ଶବ୍ଦକୋଷ ରହିଛି । ଅଭିଯୋଗ କହିଲେ କାହାକୁ ବୁଝାଏ ତାହାର ପରିଭାଷା ଧାରା 2 (c) ରେ ଏହି ପରି ଅଛି - କୌଣସି ବ୍ୟବସାୟୀ ଗ୍ରହଣ କରିଥିବା କୌଣସି ଅସାଧୁ ବାଣିଜ୍ୟିକ ଅଭ୍ୟାସ କିମ୍ବା ପ୍ରତିବନ୍ଧକମୂଳକ ବାଣିଜ୍ୟିକ ଅଭ୍ୟାସର ପରିଣାମସ୍ୱରୂପ ଜଣେ ଖାଉଟି କ୍ଷତିଗ୍ରସ୍ତ ହୋଇଥିଲେ କିମ୍ବା ହାନି ସହିଥିଲେ କିମ୍ବା ସେ କିଣିଥିବା କିମ୍ବା କିଣିବାକୁ ରାଜି ହୋଇଥିବା ଦ୍ରବ୍ୟରେ ତ୍ରୁଟି ରହିଥିଲେ କିମ୍ବା ସେ ଉପଭୋଗ କରିଥିବା ସେବା କିମ୍ବା ବ୍ୟବହାର କରିଥିବା ସେବା କିମ୍ବା ଉପଭୋଗ କରିବାକୁ କିମ୍ବା ବ୍ୟବହାର କରିବାକୁ ରାଜି ହୋଇଥିବା ସେବାରେ କୌଣସି ପ୍ରକାରେ କିଛି ତ୍ରୁଟି ଥିଲେ କିମ୍ବା ଜଣେ ବ୍ୟବସାୟୀ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟ କିମ୍ବା ସେହି ଦ୍ରବ୍ୟ କିମ୍ବା ଦ୍ରବ୍ୟର ଖୋଳରେ ପ୍ରଦର୍ଶିତ ମୂଲ୍ୟଠାରୁ ଅଧିକ ମୂଲ୍ୟ ଆଦାୟ କରିବାରେ ଦୋଷୀ ସାବ୍ୟସ୍ତ ଥିଲେ ବୋଲି ଅଭିଯୋଗ କରି ଜଣେ ଖାଉଟିଙ୍କ ଦ୍ୱାରା କରାଯାଇଥିବା କୌଣସି ଲିଖିତ ଆରୋପକୁ ଅଭିଯୋଗ ବୋଲି ବୁଝାଯାଏ । ଧାରା 2 (d) ରେ ଜଣେ ଖାଉଟିଙ୍କୁ ନିମ୍ନମତେ ପରିଭାଷିତ କରାଯାଇଛି: -

> "ଧାରା 2 (d) – 'ଖାଉଟି' ର ଅର୍ଥ ହେଉଛି ଯେକୌଣସି ବ୍ୟକ୍ତି ଯିଏ,
>
> (i) କୌଣସି ଦ୍ରବ୍ୟ ଏକ ମୂଲ୍ୟ ବିନିମୟରେ କ୍ରୟ କରନ୍ତି ଯାହା ଦେୟ କରାଯାଇଥାଏ କିମ୍ବା ଦେୟ କରାଯିବାର ପ୍ରତିଶ୍ରୁତି ଦିଆଯାଇଥାଏ କିମ୍ବା ଆଂଶିକ ଭାବେ ଦେୟ କରାଯାଇଥାଏ ଏବଂ ଆଂଶିକ ଭାବେ ପ୍ରତିଶ୍ରୁତି ଦିଆଯାଇଥାଏ, କିମ୍ବା କୌଣସି ସ୍ଥଗିତ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା ଅଧୀନରେ ଦେୟ କରାଯାଇଥାଏ ଏବଂ ଏପରି ଦ୍ରବ୍ୟ ଦେୟ କରାଯାଇଥିବା ମୂଲ୍ୟ କିମ୍ବା ଦେୟ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ମୂଲ୍ୟ କିମ୍ବା ଆଂଶିକ ଭାବେ ଦେୟ କରାଯାଇଥିବା ଏବଂ ଆଂଶିକ ଭାବେ ପ୍ରତିଶ୍ରୁତି ଦିଆଯାଇଥିବା ମୂଲ୍ୟ, କିମ୍ବା କୌଣସି ସ୍ଥଗିତ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା ଅଧୀନରେ ଦେୟ କରାଯାଇଥିବା ମୂଲ୍ୟ ବିନିମୟରେ କ୍ରୟ କରିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟଜଣେ ବ୍ୟବହାରକାରୀ ସାମିଲ ଥାଆନ୍ତି, ଯେତେବେଳେ ଏପରି ବ୍ୟବହାର ଏପରି ବ୍ୟକ୍ତିଙ୍କ ଅନୁମୋଦନ ସହିତ କରାଯାଇଥାଏ, କିନ୍ତୁ ପୁନଃବିକ୍ରୟ ପାଇଁ କିମ୍ବା କୌଣସି ବ୍ୟାବସାୟିକ ଉଦ୍ଦେଶ୍ୟରେ ଏପରି ସାମଗ୍ରୀ ହାସଲ କରିଥିବା ଜଣେ ବ୍ୟକ୍ତି ଏଥିରେ ସାମିଲ ନଥାନ୍ତି: କିମ୍ବା

(ii) କୌଣସି ସେବା ଏକ ମୂଲ୍ୟ ବିନିମୟରେ ଉପଭୋଗ କିମ୍ବା ବ୍ୟବହାର କରନ୍ତି ଯାହା ଦେୟ କରାଯାଇଥାଏ କିମ୍ବା ଦେୟ କରାଯିବାର ପ୍ରତିଶ୍ରୁତି ଦିଆଯାଇଥାଏ କିମ୍ବା ଆଂଶିକ ଭାବେ ଦେୟ କରାଯାଇଥାଏ ଏବଂ ଆଂଶିକ ଭାବେ ପ୍ରତିଶ୍ରୁତି ଦିଆଯାଇଥାଏ, କିମ୍ବା କୌଣସି ସ୍ଥଗିତ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା ଅଧୀନରେ ଦେୟ କରାଯାଇଥାଏ ଏବଂ ଦେୟ କରାଯାଇଥିବା ମୂଲ୍ୟ କିମ୍ବା ଦେୟ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ମୂଲ୍ୟ କିମ୍ବା ଆଂଶିକ ଭାବେ ଦେୟ କରାଯାଇଥିବା ଏବଂ ଆଂଶିକ ଭାବେ ପ୍ରତିଶ୍ରୁତି ଦିଆଯାଇଥିବା ମୂଲ୍ୟ, କିମ୍ବା କୌଣସି ସ୍ଥଗିତ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା ଅଧୀନରେ ଦେୟ କରାଯାଇଥିବା ମୂଲ୍ୟ ବିନିମୟରେ ଏପରି ସେବାର ଉପଭୋଗ କିମ୍ବା ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟଜଣେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିଥାଏ, ଯେତେବେଳେ ଏପରି ସେବା ପ୍ରଥମ ଉଲ୍ଲିଖିତ ବ୍ୟକ୍ତିଙ୍କ ଅନୁମୋଦନ ସହିତ ଉପଭୋଗ କିମ୍ବା ବ୍ୟବହାର କରାଯାଇଥାଏ" ।

ଧାରା 2 (e) ରେ ଏକ "ଖାଉଟି ବିବାଦ" ର ପରିଭାଷା ଦିଆଯାଇଛି, ଯାହାର ଅର୍ଥ ହେଉଛି ଏକ ବିବାଦ, ଯେଉଁଠାରେ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରାଯାଇଛି ସେ ଅଭିଯୋଗରେ ଥିବା ଆରୋପକୁ ଅସ୍ୱୀକାର କରନ୍ତି କିମ୍ବା ପ୍ରତିବାଦ କରନ୍ତି । ଧାରା 2 (f) ରେ ଏକ "ତ୍ରୁଟି" ର ପରିଭାଷା ଦିଆଯାଇଛି, ଯାହାର ଅର୍ଥ ହେଉଛି ଜଣେ ବ୍ୟବସାୟୀଙ୍କ ଦ୍ୱାରା କିମ୍ବା କୌଣସି ଆଇନ ଅନୁଯାୟୀ, କୌଣସି ଦ୍ରବ୍ୟ ସମ୍ବନ୍ଧରେ ଯେକୌଣସି ପ୍ରକାରେ ବଜାୟ ରଖାଯିବ ବୋଲି ଆଶା କରାଯାଉଥିବା ଗୁଣବତ୍ତା, ପରିମାଣ, ଶକ୍ତି, ଶୁଦ୍ଧତା କିମ୍ବା ମାନକରେ କୌଣସି ପ୍ରକାରର ଚ୍ୟୁତି, ଅସମ୍ପୂର୍ଣ୍ଣତା କିମ୍ବା ବିଚ୍ୟୁତି । ଧାରା 2 (g) ଅନୁଯାୟୀ ଭୁଲର ପରିଭାଷା ହେଉଛି, ସେହି ସମୟରେ ବଳବତ୍ତର ଥିବା କୌଣସି ଆଇନ ଦ୍ୱାରା କିମ୍ବା ଅନୁଯାୟୀ ଜଣେ ବ୍ୟବସାୟୀଙ୍କ ଦ୍ୱାରା ଗୁଣବତ୍ତା, ପ୍ରକୃତି ଏବଂ ନିର୍ବାହ ପଦ୍ଧତି, ଯାହାକୁ ବଜାୟ ରଖାଯିବା ଆବଶ୍ୟକ ହୋଇଥାଏ କିମ୍ବା ତାଙ୍କ ଦ୍ୱାରା ଏହିପରି ବଜାୟ ରଖାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥାଏ, ସେଥିରେ କୌଣସି ପ୍ରକାରର ଚ୍ୟୁତି, ଅସମ୍ପୂର୍ଣ୍ଣତା, ବିଚ୍ୟୁତି କିମ୍ବା ଅଯଥେଷ୍ଟତା । ଧାରା 2 (o) ରେ "ସେବା" ର ପରିଭାଷା ନିମ୍ନମତେ ଦେଇଅଛି:

""ସେବା" ର ଅର୍ଥ ହେଉଛି ଯେକୌଣସି ପ୍ରକାରର ସେବା ଯାହା ସମ୍ଭାବ୍ୟ ବ୍ୟବହାରକାରୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିବ ଏବଂ ଏଥିରେ ବ୍ୟାଙ୍କିଙ୍ଗ, ଅର୍ଥଯୋଗାଣ, ବୀମା, ପରିବହନ, ପ୍ରକ୍ରିୟାକରଣ, ବିଦ୍ୟୁତ କିମ୍ବା ଅନ୍ୟାନ୍ୟ ଶକ୍ତି ଯୋଗାଣ, ରହିବା ତଥା ଖାଇବା

ବ୍ୟବସ୍ଥା କିମ୍ବା ଉଭୟ, ଗୃହ ନିର୍ମାଣ, ମନୋରଞ୍ଜନ, ଆମୋଦପ୍ରମୋଦ କିମ୍ବା ଖବର କିମ୍ବା ଅନ୍ୟାନ୍ୟ ସୂଚନା ପ୍ରଦାନ ସମ୍ବନ୍ଧୀୟ ସୁବିଧାର ବ୍ୟବସ୍ଥାଗୁଡ଼ିକ ଅନ୍ତର୍ଭୁକ୍ତ, କିନ୍ତୁ ଏଥିରେ କୌଣସି ପ୍ରକାରର ମାଗଣା ସେବା କିମ୍ବା ଚୁକ୍ତିଭିତ୍ତିକ ବ୍ୟକ୍ତିଗତ ସେବା ପ୍ରଦାନ ଅନ୍ତର୍ଭୁକ୍ତ ନୁହେଁ" ।

ଧାରା 3 ରେ କୁହାଯାଇଛି ଯେ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଅନ୍ୟ କୌଣସି ପ୍ରଚଳିତ ଆଇନର ବ୍ୟବସ୍ଥାଗୁଡ଼ିକ ସହିତ ଅତିରିକ୍ତ ହେବ ଏବଂ ଏହାର ଅବମାନନା କରିବ ନାହିଁ । ଧାରା 12, *ଅନ୍ୟାନ୍ୟ ବିଷୟ ମଧ୍ୟରେ,* ବ୍ୟବସ୍ଥା କରେ ଯେ ବିକ୍ରି ହୋଇଥିବା କିମ୍ବା ବିତରଣ କରାଯାଇଥିବା କିମ୍ବା ବିକ୍ରି କରିବାକୁ କିମ୍ବା ବିତରଣ କରିବାକୁ ରାଜି ହୋଇଥିବା ଦ୍ରବ୍ୟ କିମ୍ବା ପ୍ରଦାନ କରାଯାଇଥିବା କିମ୍ବା ପ୍ରଦାନ କରିବାକୁ ରାଜି ହୋଇଥିବା କୌଣସି ସେବା ସମ୍ବନ୍ଧୀୟ ଏକ ଅଭିଯୋଗ, ଖାଉଟିଙ୍କ ଦ୍ୱାରା କିମ୍ବା କୌଣସି ସ୍ୱୀକୃତିପ୍ରାପ୍ତ ଖାଉଟି ସଙ୍ଗଠନ ଦ୍ୱାରା ଏକ ଜିଲ୍ଲା ବିଚାରମଞ୍ଚରେ ଦାଖଲ କରାଯାଇପାରିବ, ପଛେ ସମ୍ପୃକ୍ତ ଖାଉଟି ଜଣକ ଏପରି ସଙ୍ଗଠନର ସଦସ୍ୟ ହୁଅନ୍ତୁ କିମ୍ବା ନ ହୁଅନ୍ତୁ, ଯାହାଙ୍କୁ ଏପରି ଦ୍ରବ୍ୟ ବିକ୍ରି କରାଯାଇଛି କିମ୍ବା ବିତରଣ କରାଯାଇଛି କିମ୍ବା ବିକ୍ରୟ କରିବାକୁ କିମ୍ବା ବିତରଣ କରିବାକୁ ରାଜି ହୋଇଛି କିମ୍ବା ଏପରି ସେବା ପ୍ରଦାନ କରାଯାଇଛି କିମ୍ବା ପ୍ରଦାନ କରିବାକୁ ରାଜି ହୋଇଛି । ଏହି ଧାରାର ବ୍ୟାଖ୍ୟାରେ କୁହାଯାଇଛି ଯେ ଏକ "ସ୍ୱୀକୃତିପ୍ରାପ୍ତ ଖାଉଟି ସଙ୍ଗଠନ" ର ଅର୍ଥ ହେଉଛି କମ୍ପାନୀ ଅଧିନିୟମ, 1956 କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିବା କୌଣସି ସ୍ୱେଚ୍ଛାକୃତ ଖାଉଟି ସଙ୍ଗଠନ । ଧାରା 21 ରାଷ୍ଟ୍ରୀୟ ଆୟୋଗର କ୍ଷେତ୍ରାଧିକାର ସହିତ ଜଡ଼ିତ ଯାହାକୁ ଆମ୍ଭେ ବିଚାର କରିବୁ । ଏହା ନିମ୍ନମତେ ଅଟେ:

"21. ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାର - ଏହି ଅଧିନିୟମର ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାର ହେବ -

(a) ଗ୍ରହଣ କରିବା -

(i) ଦ୍ରବ୍ୟ କିମ୍ବା ସେବାର ମୂଲ୍ୟ ଏବଂ ଯଦି କିଛି କ୍ଷତିପୂରଣ ଦାବି କରାଯାଇଥାଏ ତେବେ ତାହାର ମୂଲ୍ୟ ଯଦି କୋଡ଼ିଏ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ, ତେବେ ସେହି କ୍ଷେତ୍ରରେ ଅଭିଯୋଗ ଗ୍ରହଣ କରିବା: ଏବଂ

(ii) କୌଣସି ରାଜ୍ୟ ଆୟୋଗଙ୍କ ଆଦେଶ ବିରୁଦ୍ଧରେ ଅପିଲ ଗ୍ରହଣ କରିବା; ଏବଂ

(b) ଯେଉଁଠାରେ ରାଷ୍ଟ୍ରୀୟ ଆୟୋଗଙ୍କୁ ଏହା ପ୍ରତୀୟମାନ ହେବ ଯେ ରାଜ୍ୟ ଆୟୋଗ ଏପରି କୌଣସି କ୍ଷେତ୍ରାଧିକାର ପ୍ରୟୋଗ କରିଛନ୍ତି ଯାହା ଆଇନ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ ନାହିଁ କିମ୍ବା ଏହି ପ୍ରକାରର କ୍ଷେତ୍ରାଧିକାର ପ୍ରୟୋଗ କରିବାରେ ବିଫଳ ହୋଇଛନ୍ତି କିମ୍ବା ଏହା ନିଜ କ୍ଷେତ୍ରାଧିକାର ଅବୈଧ ଭାବରେ କିମ୍ବା ଗୁରୁତର ଅନିୟମିତତା ସହିତ ପ୍ରୟୋଗ କରିଛନ୍ତି, ସେଠାରେ କୌଣସି ଏପରି ଖାଉଟି ବିବାଦ, ଯାହା କୌଣସି ରାଜ୍ୟ ଆୟୋଗଙ୍କ ସମ୍ମୁଖରେ ବିଚାରାଧୀନ ଥିବ କିମ୍ବା ତାଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଥିବ, ସେହି କ୍ଷେତ୍ରରେ ନଥି ମାଗିବା ଏବଂ ଉପଯୁକ୍ତ ଆଦେଶ ପାରିତ କରିବା" ।

1986 ଅଧିନିୟମର ପ୍ରସ୍ତାବନା ଏବଂ ବିଭିନ୍ନ ବ୍ୟବସ୍ଥାରୁ ଏହା ସ୍ପଷ୍ଟ ହୋଇଯାଏ ଯେ ଯେତେବେଳେ ବିକ୍ରି ହୋଇଥିବା କିମ୍ବା ବିତରଣ କରାଯାଇଥିବା କିମ୍ବା ବିକ୍ରି କରିବାକୁ କିମ୍ବା ବିତରଣ କରିବାକୁ ରାଜି ହୋଇଥିବା ଦ୍ରବ୍ୟ କିମ୍ବା ପ୍ରଦାନ କରାଯାଇଥିବା କିମ୍ବା ପ୍ରଦାନ କରିବାକୁ ରାଜି ହୋଇଥିବା କୌଣସି ସେବା ସମ୍ପର୍କରେ କୌଣସି ଅଭିଯୋଗ ଉଠେ, ଅଭିଯୋଗକାରୀ, ଅର୍ଥାତ୍ ଖାଉଟି କିମ୍ବା ଯେକୌଣସି ସ୍ୱେଚ୍ଛାସେବୀ ଖାଉଟି ସଂଗଠନ କିମ୍ବା କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର, ସମାଧାନ ପାଇଁ ବିଧାନ ଅନୁଯାୟୀ ଉପଯୁକ୍ତ ବିଚାରମଞ୍ଚକୁ ଯାଇପାରିବେ । ଯଦି କ୍ଷତିପୂରଣ ଆକାରରେ ଦାବି କରାଯାଇଥିବା ଅର୍ଥରାଶି ଧାରା 21 ରେ ଉଲ୍ଲେଖ କରାଯାଇଥିବା ସର୍ବନିମ୍ନ ପରିମାଣ ଠାରୁ ଅଧିକ ହୋଇଥାଏ, ତେବେ ରାଷ୍ଟ୍ରୀୟ ଆୟୋଗ କ୍ଷେତ୍ରାଧିକାର ପ୍ରୟୋଗ କରିପାରିବେ, ଏବଂ ଅଭିଯୋଗର ଶୁଣାଣି ଏବଂ ଫଏସଲା କରିପାରିବେ । 1993 ର ସଂଶୋଧନ ଅଧିନିୟମ 50 ଦ୍ୱାରା 10 ଲକ୍ଷ ଟଙ୍କାର ସୀମାକୁ 20 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନର ମାମଲାରେ, ଏହା ଏକ ସ୍ୱୀକୃତ ତଥ୍ୟ ଯେ 1988 ଅଧିନିୟମ ଅନୁଯାୟୀ ଗଠିତ ମୋଟର ଯାନ ଦାବି ନ୍ୟାୟାଧିକରଣ ସମ୍ମୁଖରେ ଦୁର୍ଘଟଣାର ଶିକାର ହୋଇଥିବା ମୃତ ବ୍ୟକ୍ତିଙ୍କ ଆଇନଗତ ପ୍ରତିନିଧିମାନଙ୍କ ତରଫରୁ କୌଣସି ଆବେଦନ ଦାଖଲ କରାଯାଇ ନଥିଲା । ଛଅ ମାସର ଅବଧି ସମାପ୍ତ ହେବା ପରେ, ଯାହା ଏପରି ଏକ ଦାବି କରିବାର ସମୟସୀମା ଅଟେ, ଉତ୍ତରଦାତା ରାଷ୍ଟ୍ରୀୟ ଆୟୋଗଙ୍କ ସମ୍ମୁଖରେ 20 ଲକ୍ଷ ଟଙ୍କା ଦାବି କରି ଏକ ଆବେଦନ କରିଥିଲେ । ତେଣୁ ଏହା ସ୍ପଷ୍ଟ ଯେ ଏହି ଦାବି ରାଷ୍ଟ୍ରୀୟ ଆୟୋଗଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା, କାରଣ ମୃତ ବ୍ୟକ୍ତିଙ୍କ ଆଇନଗତ ପ୍ରତିନିଧିମାନେ 1988 ଅଧିନିୟମ ଅଧୀନରେ ଥିବା ନ୍ୟାୟାଧିକରଣଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ । ତେଣୁ ଏହି ପର୍ଯ୍ୟାୟରେ 1988 ଅଧିନିୟମର କିଛି ବ୍ୟବସ୍ଥାଗୁଡ଼ିକୁ ଉଲ୍ଲେଖ କରିବା ଉଚିତ ହେବ ।

ଉକ୍ତ ଅଧିନିୟମ ମୋଟର ଯାନ ସମ୍ବନ୍ଧୀୟ ଆଇନକୁ ଏକୀକୃତ ଏବଂ ସଂଶୋଧନ କରିବା ନିମନ୍ତେ ପ୍ରଣୟନ କରାଯାଇଥିଲା । ଧାରା 2 (28) ରେ ଏକ "ମୋଟର ଯାନ" କିମ୍ବା "ଯାନ" କୌଣସି ଏପରି ଯାନ୍ତ୍ରିକ ଭାବରେ ଚାଳିତ ଯାନକୁ ବୁଝାଏ ଯାହା ରାସ୍ତାରେ ବ୍ୟବହାର ପାଇଁ ଅନୁକୂଳ, ଯାହା ବାହ୍ୟ କିମ୍ବା ଆଭ୍ୟନ୍ତରୀଣ ଉତ୍ସରୁ ପ୍ରେରଣ ଶକ୍ତି ପ୍ରାପ୍ତ ହୋଇଥାଏ ଏବଂ ଏଥିରେ ଏକ ଚେସିସ୍ ଅନ୍ତର୍ଭୁକ୍ତ ଯାହା ସହିତ ଏକ ଲାଗିଥିବା ଅଂଶ ସଂଲଗ୍ନ ହୋଇନାହିଁ ଏବଂ ଏଥିରେ ଏକ ପଛରେ ଲାଗିଥିବା ଅଂଶ ମଧ୍ୟ ଅନ୍ତର୍ଭୁକ୍ତ । ଦୁର୍ଘଟଣାଗ୍ରସ୍ତ ହୋଇଥିବା ଯାନଟି ନିର୍ବିବାଦରେ ଉକ୍ତ ବ୍ୟବସ୍ଥାର ଅର୍ଥ ଅନୁଯାୟୀ ଏକ ଯାନ ଥିଲା । ଅଧ୍ୟାୟ XII ରେ ଦାବି ନ୍ୟାୟାଧିକରଣ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଧାରା 165 ରେ ବ୍ୟବସ୍ଥା ରହିଛି ଯେ, ମୋଟର ଯାନର ବ୍ୟବହାରରୁ ଉପୁଜୁଥିବା ବ୍ୟକ୍ତିମାନଙ୍କ ମୃତ୍ୟୁ କିମ୍ବା ଶାରୀରିକ ଆଘାତ କିମ୍ବା ସେଥିରୁ ଉପୁଜୁଥିବା ତୃତୀୟ ପକ୍ଷର କୌଣସି ସମ୍ପତ୍ତିକୁ କ୍ଷୟକ୍ଷତି କିମ୍ବା ଉଭୟ ସହିତ ଜଡ଼ିତ ଦୁର୍ଘଟଣା ସମ୍ବନ୍ଧୀୟ କ୍ଷତିପୂରଣ ଦାବି ଉପରେ ବିଚାର କରିବା ଉଦ୍ଦେଶ୍ୟରେ ଏକ ରାଜ୍ୟ ସରକାର, ରାଜପତ୍ରରେ ଅଧିସୂଚନା ଦ୍ୱାରା, ଏକ କିମ୍ବା ତତୋଧିକ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ, ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ହୋଇଥିବା କ୍ଷେତ୍ର ପାଇଁ, ଗଠନ କରିପାରିବେ । ଏହା ପରେ ଧାରା 166 ବ୍ୟବସ୍ଥା ପ୍ରଦାନ କରେ ଯେ, କ୍ଷତିପୂରଣ ପାଇଁ ଏକ ଆବେଦନ, ଯଥାସ୍ଥିତି, ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କିମ୍ବା ସମ୍ପତ୍ତିର ମାଲିକଙ୍କ ଦ୍ୱାରା କିମ୍ବା ଯେଉଁ କ୍ଷେତ୍ରରେ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ଘଟିଛି, ସେହି କ୍ଷେତ୍ରରେ ମୃତ ବ୍ୟକ୍ତିଙ୍କ ସମସ୍ତ କିମ୍ବା ଯେକୌଣସି ଆଇନଗତ ପ୍ରତିନିଧିଙ୍କ ଦ୍ୱାରା କିମ୍ବା ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପଯୁକ୍ତ ଭାବେ ପ୍ରାଧିକୃତ କୌଣସି ପ୍ରତିନିଧିଙ୍କ ଦ୍ୱାରା କିମ୍ବା ମୃତ ବ୍ୟକ୍ତିଙ୍କ ସମସ୍ତ କିମ୍ବା ଯେକୌଣସି ଆଇନଗତ ପ୍ରତିନିଧିଙ୍କ ଦ୍ୱାରା କରାଯାଇପାରିବ । ଏହା ପରେ ଧାରା 168 ରେ କୁହାଯାଇଛି ଯେ, କ୍ଷତିପୂରଣ ପାଇଁ ଏକ ଆବେଦନ ପ୍ରାପ୍ତ ହେବା ପରେ, ଦାବି ନ୍ୟାୟାଧିକରଣ, ବୀମାକର୍ତ୍ତାଙ୍କୁ ଆବେଦନର ସୂଚନା ଦେବା ପରେ ଏବଂ ପକ୍ଷମାନଙ୍କୁ ଶୁଣାଣିର ଏକ ସୁଯୋଗ ଦେବା ପରେ, ଏକ ତଦନ୍ତ କରିବେ ଏବଂ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରି ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବେ, ଯାହା ନ୍ୟାୟସଙ୍ଗତ ବୋଲି ଜଣାପଡୁଥିବ । ଏହା ପରେ ଧାରା 175 ବ୍ୟବସ୍ଥା ପ୍ରଦାନ କରେ ଯେ, ଯେଉଁ କ୍ଷେତ୍ରରେ କୌଣସି ଅଞ୍ଚଳ ପାଇଁ କୌଣସି ଦାବି ନ୍ୟାୟାଧିକରଣ ଗଠନ କରାଯାଇଛି, ସେହି କ୍ଷେତ୍ରରେ କ୍ଷତିପୂରଣ ପାଇଁ କୌଣସି ଦାବି ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଗ୍ରହଣ କରିବାର କ୍ଷେତ୍ରାଧିକାରତା କୌଣସି ଦେୱାନୀ ନ୍ୟାୟାଳୟର ରହିବ ନାହିଁ, ଯାହା ସେହି ଅଞ୍ଚଳ ପାଇଁ ଦାବି ନ୍ୟାୟାଧିକରଣଙ୍କ ଦ୍ୱାରା ବିଚାର କରାଯାଇପାରିବ । ବର୍ତ୍ତମାନର ମାମଲାରେ, ଏକ ମୋଟର

ଯାନର ବ୍ୟବହାରରୁ ଘଟିଥିବା ଦୁର୍ଘଟଣାରେ ହୋଇଥିବା ଆଘାତ କାରଣରୁ ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତିଙ୍କ ଆଇନଗତ ପ୍ରତିନିଧିମାନେ ଦୁର୍ଘଟଣା ଘଟିଥିବା ଅଞ୍ଚଳ ପାଇଁ ଥିବା ଦାବି ନ୍ୟାୟାଧିକରଣଙ୍କ ସମ୍ମୁଖରେ କୌଣସି ଦାବି କରିନଥିଲେ, କିନ୍ତୁ ଏହା ପରିବର୍ତ୍ତେ ଉତ୍ତରଦାତା-ପରିଷଦ ରାଷ୍ଟ୍ରୀୟ ଆୟୋଗଙ୍କ ସମ୍ମୁଖରେ ଦାବି କରିଥିଲେ, ଯାହା ଏହାର କ୍ଷେତ୍ରାଧିକାର ଅଛି କି ନାହିଁ ଏହି ପ୍ରଶ୍ନକୁ ଯାଞ୍ଚ ନକରି, କ୍ଷତିପୂରଣ ଆକାରରେ 5 ଲକ୍ଷ 10 ହଜାର ଟଙ୍କା ଅଧିନିର୍ଣ୍ଣିତ କରିଥିଲେ ।

ଏହା ପରେ ଯେଉଁ ପ୍ରଶ୍ନ ବିଚାର ପାଇଁ ଉଠିଛି ତାହା ହେଉଛି ଏକ ମୋଟର ଯାନ ବ୍ୟବହାର କାରଣରୁ ଶ୍ରୀ କେ. କୁମାରଙ୍କ ମୃତ୍ୟୁ ସହ ଜଡ଼ିତ ଏକ ଦୁର୍ଘଟଣା ସମ୍ପର୍କରେ ଦାବି ଆବେଦନକୁ ଗ୍ରହଣ କରିବା ଏବଂ କ୍ଷତିପୂରଣ ଅଧିନିର୍ଣ୍ଣିତ କରିବା ନିମନ୍ତେ ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାର ଥିଲା କି ନାହିଁ । ସ୍ପଷ୍ଟତଃ, ମୋଟର ଯାନ ଅଧିନିୟମ, 1988 ର ଧାରା 165 ଅଧୀନରେ ଘଟିଥିବା ଏକ ମରଣାନ୍ତକ ଦୁର୍ଘଟଣାରୁ ଉତ୍ପନ୍ନ କ୍ଷତିପୂରଣ ସମ୍ବନ୍ଧୀୟ ଯେକୌଣସି ଦାବିକୁ ଗ୍ରହଣ କରିବାର କ୍ଷେତ୍ରାଧିକାର, ଉକ୍ତ ଅଞ୍ଚଳ ପାଇଁ ଗଠିତ ଦାବି ନ୍ୟାୟାଧିକରଣଙ୍କ ଥିଲା, କାରଣ ଏପରି ଦାବି ଆବେଦନ ସ୍ପଷ୍ଟ ଭାବରେ 1988 ଅଧିନିୟମର ଧାରା 165 ର ପରିସର ମଧ୍ୟରେ ଆସିବ । ଏକ ମୋଟର ଯାନ ବ୍ୟବହାର ଜନିତ କ୍ଷତିପୂରଣ ଦାବି ସମ୍ବନ୍ଧରେ ଏହି ଅଧିନିୟମକୁ ଏକ ବିଶେଷ ଆଇନ ବୋଲି କୁହାଯାଇପାରେ । 1986 ଅଧିନିୟମ ସାଧାରଣତଃ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମ୍ବନ୍ଧୀୟ ଏକ ଆଇନ ହୋଇଥିବାରୁ ଏହାକୁ 1988 ଅଧିନିୟମର ଅଧ୍ୟାୟ XII ରେ ମୋଟର ଯାନର ବ୍ୟବହାରରୁ ଉପୁଜିଥିବା ଦୁର୍ଘଟଣା ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସମ୍ବନ୍ଧରେ ଏକ ସାଧାରଣ ଆଇନ କୁହାଯାଇପାରିବ । ସାଧାରଣତଃ, ଏହି ସାଧାରଣ ଆଇନ ସ୍ଥାନରେ ବିଶେଷ ଆଇନର ପ୍ରାଧାନ୍ୟ ରହିବା ଉଚିତ । ଏହା ବ୍ୟତୀତ, ସମ୍ପୃକ୍ତ ଅଭିଯୋଗଟି ମୃତକଙ୍କୁ ବିକ୍ରୟ କରାଯାଇଥିବା କିମ୍ବା ବିତରଣ କରାଯାଇଥିବା କିମ୍ବା ବିକ୍ରୟ କରିବାକୁ କିମ୍ବା ବିତରଣ କରିବାକୁ ରାଜି ହୋଇଥିବା କୌଣସି ଦ୍ରବ୍ୟ କିମ୍ବା ପ୍ରଦାନ କରାଯାଇଥିବା କିମ୍ବା ପ୍ରଦାନ କରିବାକୁ ରାଜି ହୋଇଥିବା କୌଣସି ସେବା ସମ୍ବନ୍ଧୀୟ ଥିଲା ବୋଲି କୁହାଯାଇପାରିବ ନାହିଁ । 1986 ଅଧିନିୟମ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା "ସେବା" ଅଭିବ୍ୟକ୍ତିର ଅର୍ଥ ହେଉଛି ଯେକୌଣସି ପ୍ରକାରର ସେବା, ଯାହା ସମ୍ଭାବ୍ୟ ବ୍ୟବହାରକାରୀମାନଙ୍କ ନିମନ୍ତେ ଉପଲବ୍ଧ କରାଯାଇଛି ଏବଂ *ଅନ୍ୟାନ୍ୟ ବିଷୟ ମଧ୍ୟରେ,* ପରିବହନ ସମ୍ବନ୍ଧୀୟ ସୁବିଧାର ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ । ଘଟିଥିବା ଦୁର୍ଘଟଣାର, ମୃତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ସେବା ସହିତ କୌଣସି ସମ୍ପର୍କ ନଥିଲା । 1986 ଅଧିନିୟମର ଧାରା 2 (c) ରେ ଅଭିଯୋଗର ପରିଭାଷା ଏବଂ ଧାରା 2 (o) ରେ ସେବାର ପରିଭାଷା ସହିତ ଏହି ବ୍ୟବସ୍ଥାକୁ

ପଢ଼ିଲେ ଏହା ସ୍ପଷ୍ଟ ହୋଇଯାଏ । ଧାରା 2 (c) ଅନୁଯାୟୀ ଅଭିଯୋଗର ଅର୍ଥ ହେଉଛି କୌଣସି ବ୍ୟବସାୟୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଅସାଧୁ ବାଣିଜ୍ୟିକ ଅଭ୍ୟାସ କିମ୍ବା ଏକ ପ୍ରତିବନ୍ଧକମୂଳକ ବାଣିଜ୍ୟିକ ଅଭ୍ୟାସ ସମ୍ବନ୍ଧରେ କିମ୍ବା ତାଙ୍କ ଦ୍ୱାରା କିଣାଯାଇଥିବା କିମ୍ବା ତାଙ୍କ ଦ୍ୱାରା କିଣାଯିବାକୁ ରାଜି ହୋଇଥିବା ଦ୍ରବ୍ୟ ସମ୍ବନ୍ଧରେ ଲିଖିତ ଭାବରେ କୌଣସି ଆବେଦନ । ଏହି ଦୁଇଟି ଧାରାର କୌଣସି ପ୍ରକାରେ ପ୍ରୟୋଗ ନାହିଁ । ତୃତୀୟ ଖଣ୍ଡଟି ଜଣେ ଖାଉଟିଙ୍କ ଦ୍ୱାରା ଉପଭୋଗ କରିଥିବା ସେବା କିମ୍ବା ବ୍ୟବହାର କରିଥିବା ସେବା କିମ୍ବା ଉପଭୋଗ କରିବାକୁ କିମ୍ବା ବ୍ୟବହାର କରିବାକୁ ରାଜି ହୋଇଥିବା ସେବା ସହିତ ଜଡ଼ିତ । ତେଣୁ, ସର୍ବୋତ୍ତମ ଭାବରେ ଏହା କୁହାଯାଇପାରିବ ଯେ, ସମ୍ପୃକ୍ତ ଅଭିଯୋଗଟି ମୃତ ବ୍ୟକ୍ତିଙ୍କ ଦ୍ୱାରା ଉପଭୋଗ କରାଯାଇଥିବା କିମ୍ବା ବ୍ୟବହାର କରାଯାଇଥିବା ସେବା ସହିତ ଜଡ଼ିତ ଥିଲା । ବର୍ତ୍ତମାନର ମାମଲାରେ ସମ୍ପୃକ୍ତ ଅଭିଯୋଗଟି, ମୃତକଙ୍କ ଦ୍ୱାରା ଉପଭୋଗ କିମ୍ବା ବ୍ୟବହାର କରାଯାଇଥିବା କୌଣସି ସେବା ସମ୍ବନ୍ଧୀୟ ଥିଲା ବୋଲି କୁହାଯାଇପାରିବ ନାହିଁ କାରଣ ଖାଉଟିଙ୍କ ଆଘାତର, ତାଙ୍କୁ ପ୍ରଦାନ କରାଯାଇଥିବା କିମ୍ବା ତାଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ସେବା ସହିତ କୌଣସି ସମ୍ପର୍କ ନଥିଲା, ମାତ୍ର ଦୁର୍ଘଟଣାଟିର ପ୍ରତ୍ୟକ୍ଷ ପରିଣାମ ଥିଲା ଏହି ମାରାତ୍ମକ ଆଘାତ, ଯେଉଁଥିରେ ମୃତ ବ୍ୟକ୍ତି ତାଙ୍କ ବସିବା ଜାଗାରୁ ସାମ୍ନାକୁ ନିକ୍ଷେପିତ ହୋଇଥିଲେ ଏବଂ ତାଙ୍କ ସମ୍ମୁଖରେ ଥିବା ବସିବା ଜାଗାର ଏକ ଲୁହା ହ୍ୟାଣ୍ଡେଲରେ ଧକ୍କା ହୋଇ ଯାଇଥିଲେ । ତେଣୁ, ଆମ୍ଭର କୌଣସି ସନ୍ଦେହ ନାହିଁ ଯେ ଏହି ମାମଲାଟି 1988 ଅଧିନିୟମର ଧାରା 165 ର ପରିସର ମଧ୍ୟରେ ଆସୁଥିଲା ଏବଂ ସମ୍ପୃକ୍ତ ଅଞ୍ଚଳ ପାଇଁ ଏହା ଅଧୀନରେ ଗଠିତ ମୋଟର ଯାନ ଦାବି ନ୍ୟାୟାଧିକରଣଙ୍କ ଏହାକୁ ଗ୍ରହଣ କରିବାର କ୍ଷେତ୍ରାଧିକାର ଥିଲା । ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି, 1988 ଅଧିନିୟମ ଏବଂ ବିଶେଷ କରି, ଏହାର ଅଧ୍ୟାୟ XII ର ବ୍ୟବସ୍ଥାଗୁଡ଼ିକ ଏକ ବିଚାରମଞ୍ଚ ଗଠନ କରେ ଯାହା ସମ୍ମୁଖରେ ଦାବି କରାଯାଇପାରିବ, ଯଦି ଏହା ଏକ ମୋଟର ଯାନର ବ୍ୟବହାର ଦ୍ୱାରା ଘଟିଥିବା ଦୁର୍ଘଟଣା କାରଣରୁ ଉତ୍ପନ୍ନ ହୋଇଥିବ । ତାହା ଏକ ବିଶେଷ ଆଇନ ହୋଇଥିବାରୁ 1986 ଅଧିନିୟମ ପରି ପ୍ରାସଙ୍ଗିକ ସାଧାରଣ ଆଇନ ସ୍ଥାନରେ ତାହାର ପ୍ରାଧାନ୍ୟ ରହିବ, କିନ୍ତୁ ବର୍ତ୍ତମାନର ମାମଲାରେ, ସେହି ପ୍ରଶ୍ନ ମଧ୍ୟ ଏହି ସରଳ କାରଣ ପାଇଁ ଉତ୍ପନ୍ନ ହୁଏ ନାହିଁ ଯେହେତୁ ସମ୍ପୃକ୍ତ ବିବାଦଟି ରାଷ୍ଟ୍ରୀୟ ଆୟୋଗର କ୍ଷେତ୍ରାଧିକାରକୁ କୌଣସି ପ୍ରକାରେ ଆକର୍ଷିତ କରିନଥିଲା ଏବଂ ରାଷ୍ଟ୍ରୀୟ ଆୟୋଗ ଦର୍ଶାଇ ନାହାଁନ୍ତି ଯେ ଏଠାରେ କିପରି ଏହାର କ୍ଷେତ୍ରାଧିକାର ଥିଲା । ଏହି ପ୍ରସଙ୍ଗକୁ ସ୍ପଷ୍ଟ ଭାବେ ଉଠାଯାଇଥିଲା ଏବଂ ରାଷ୍ଟ୍ରୀୟ ଆୟୋଗଙ୍କୁ ଭଲଭାବେ ଜଣାଥିବା କାରଣ ସତ୍ତ୍ୱେ ଏହା ଏହାକୁ ଗ୍ରହଣ କରିବାରେ

ବିଫଳ ହୋଇଥିଲେ । ଆଶ୍ଚର୍ଯ୍ୟର କଥା, ରାଷ୍ଟ୍ରୀୟ ଆୟୋଗଙ୍କ ଆଦେଶରେ ଏହି ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନାହିଁ । ତେଣୁ ଆମ୍ଭ ମତରେ, ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାର ନଥିଲା ଏବଂ ଅପିଲକାରୀଙ୍କ ଅଧିବକ୍ତାଙ୍କ କହିବା ଅନୁଯାୟୀ, ଏହା କ୍ଷେତ୍ରାଧିକାରତାର ଅବାଞ୍ଛିତ ପ୍ରୟୋଗର ଏକ ମାମଲା ଥିଲା ।

ବାସ୍ତବରେ, ମାତ୍ର କିଛି ମାସ ପୂର୍ବରୁ ଅର୍ଥାତ୍, 1993 ମସିହା ଏପ୍ରିଲ ମାସ 15 ତାରିଖରେ, *ଭାରତ ସଂଘ ଏବଂ ଅନ୍ୟଜଣେ ବନାମ ଏମ୍. ଅଡାଇ କଲାମ II* (1993) CPJ 145 (N.C.) ମାମଲାରେ ଏକ ପୁନଃରୀକ୍ଷଣ ଆବେଦନର ଫଏସଲା କରିବା ସମୟରେ, ରାଷ୍ଟ୍ରୀୟ ଆୟୋଗ ରାୟ ଦେଇଥିଲେ ଯେ ରେଳବାଇ ସେବାରେ ଥିବା ତ୍ରୁଟି ହେତୁ ଦ୍ରବ୍ୟର ହୋଇଥିବା ହାନି, ନଷ୍ଟ, କ୍ଷୟକ୍ଷତି କିମ୍ବା ରେଳବାଇ ଦ୍ୱାରା ଦ୍ରବ୍ୟର ବିତରଣ ହୋଇନଥିବା ଅଭିଯୋଗଗୁଡ଼ିକୁ ଗ୍ରହଣ କରିବା ପାଇଁ ଏହାର କୌଣସି କ୍ଷେତ୍ରାଧିକାର ନଥିଲା କାରଣ ଏହି ଭଳି ଦାବି ରେଳବାଇ ଦାବି ନ୍ୟାୟାଧିକରଣ ଅଧିନିୟମ, 1987 ଅଧୀନରେ ଗଠିତ ରେଳବାଇ ଦାବି ନ୍ୟାୟାଧିକରଣଙ୍କ ବିଶେଷ କ୍ଷେତ୍ରାଧିକାର ପରିସର ମଧ୍ୟରେ ଆସୁଥିଲା । କିନ୍ତୁ ଏହି ମାମଲାରେ କିପରି ଏହା କ୍ଷେତ୍ରାଧିକାର ପ୍ରୟୋଗ କରିଥିଲେ ତାହା ବୁଝିବା କଷ୍ଟକର ।

1994 ମସିହା ଜାନୁଆରୀ 3 ତାରିଖରେ ଏହି ଅପିଲ ଗ୍ରହଣ କରିବା ସମୟରେ ଏହି ନ୍ୟାୟାଳୟ ନିର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ କ୍ଷତିପୂରଣ ପାଇଥିବା ବିଧବା ପତ୍ନୀ ଏବଂ ଶିଶୁକୁ କୌଣସି ସୂଚନା ପଠାଇବା ଆବଶ୍ୟକ ନଥିଲା । କେବଳ ସେତିକି ନୁହେଁ, ବିଧବା ପତ୍ନୀ ଏବଂ ଶିଶୁକୁ ତିନି ମାସ ମଧ୍ୟରେ କ୍ଷତିପୂରଣ ଦେବାକୁ ଅପିଲକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଆଦେଶରୁ ଏହା ସ୍ପଷ୍ଟ ଯେ ଏହି ନ୍ୟାୟାଳୟ ଅନୁଭବ କରିଥିଲେ ଯେ ବିଧିଗତ ପ୍ରଶ୍ନର ସମାଧାନ କରିବା ପାଇଁ ବିଧବା ପତ୍ନୀ ଏବଂ ଶିଶୁକୁ ଏହି ନ୍ୟାୟାଳୟକୁ ଆଣିବାର କୌଣସି ଆବଶ୍ୟକତା ନଥିଲା । ଉତ୍ତରଦାତା-ପରିଷଦ ସୂଚନାର ଉତ୍ତରରେ ହାଜର ହୋଇନଥିଲେ, କିନ୍ତୁ ଏହି ପ୍ରଶ୍ନର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ, 1994 ମସିହା ଅଗଷ୍ଟ 31 ତାରିଖର ଆଦେଶ ଦ୍ୱାରା, ଶ୍ରୀ ଆର୍. ପି. ଭଟ୍ଟଙ୍କୁ ଅନୁରୋଧ କରିଥିଲେ ଯେ ଏଭଳି ମାମଲାଗୁଡ଼ିକରେ ଅଭିଯୋଗ ଗ୍ରହଣ କରିବା ପାଇଁ ରାଷ୍ଟ୍ରୀୟ ଆୟୋଗଙ୍କ କ୍ଷେତ୍ରାଧିକାର ଅଛି କି ନାହିଁ, ଏହି ପ୍ରଶ୍ନର ଉତ୍ତର ଦେବାରେ ସେ ଏହି ନ୍ୟାୟାଳୟଙ୍କ ନ୍ୟାୟ ମିତ୍ର ଭାବେ ସହାୟକ ହୁଅନ୍ତୁ । ଏହି ପରିସ୍ଥିତିରେ, କ୍ଷତିପୂରଣର ମୂଲ୍ୟାଙ୍କନ ସମ୍ବନ୍ଧୀୟ ପ୍ରଶ୍ନ ଉପରେ ବିଚାର କରିବା ଆମ୍ଭ ପକ୍ଷେ ଆବଶ୍ୟକ ନୁହେଁ କାରଣ ପୂର୍ବରୁ ମିଳିଥିବା

କ୍ଷତିପୂରଣ ରାଶିକୁ ଫେରସ୍ତ କରିବାକୁ ତାଙ୍କର ବିଧବା ପତ୍ନୀ ଏବଂ ଶିଶୁକୁ ଡକାଇବା ଅର୍ଥରେ ଅଧିନିର୍ଣ୍ଣୟକୁ ଓଲଟାଇବାର କୌଣସି ପ୍ରଶ୍ନ ନଥିଲା । ବିଧିଗତ ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ଉପରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା କାରଣ ଏହା ଆଶଙ୍କା କରାଯାଇଥିଲା ଯେ 1988 ଅଧିନିୟମ ଅନୁଯାୟୀ ତମାଦି ହୋଇଥିବା ସମାନ ପ୍ରକାର ମାମଲାଗୁଡ଼ିକୁ 1986 ଅଧିନିୟମ ଅନୁଯାୟୀ ରାଷ୍ଟ୍ରୀୟ ଆୟୋଗକୁ ନିଆଯାଇପାରେ, ଯଦିଓ ସେହି ଆୟୋଗର କୌଣସି ପ୍ରକାରେ କ୍ଷେତ୍ରାଧିକାର ନଥିଲା । ତେଣୁ, ଆମ୍ଭେ କ୍ଷେତ୍ରାଧିକାର ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ଉଚିତ ଏବଂ ଏହା ବିଚାର କରିବା ଉଚିତ ଯେ ରାଷ୍ଟ୍ରୀୟ ଆୟୋଗଙ୍କର କୌଣସି ପ୍ରକାରେ କ୍ଷେତ୍ରାଧିକାର ନଥିଲା ଏବଂ କ୍ଷେତ୍ରାଧିକାର ପ୍ରୟୋଗ କରିବାରେ ଏବଂ କ୍ଷତିପୂରଣ ପ୍ରଦାନ କରିବାରେ ଏହା ସମ୍ପୂର୍ଣ୍ଣ ଭାବେ ତ୍ରୁଟି କରିଥିଲେ । ତେବେ, ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆମ୍ଭେ ଏହି ଅପିଲକୁ ଅନୁମତି ଦେଇ ରାଷ୍ଟ୍ରୀୟ ଆୟୋଗଙ୍କ ଆଦେଶକୁ ଓଲଟାଉଥିବା ସମୟରେ, ଆମ୍ଭେ ନିର୍ଦ୍ଦେଶ ଦେଉଛୁ ଯେ ଏହି ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ବିଧବା ପତ୍ନୀ ଏବଂ ଶିଶୁକୁ ପୂର୍ବରୁ ଦିଆଯାଇଥିବା କ୍ଷତିପୂରଣ ଅର୍ଥକୁ ଫେରି ପାଇବାକୁ ଅପିଲକାରୀ ହକଦାର ହେବେ ନାହିଁ । ତଦନୁସାରେ ଏହି ଅପିଲର ଫଏସଲା କରାଯିବ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏ. ଜି. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**